# **ପଞ୍ଚାୟତ ସମିତିକାର୍ଯ୍ୟାଳୟ, ବୌଦ୍ଧ**

ପତ୍ରସଂଖ୍ୟା: 2771 ତାରିଖ 18/09/25

## **ବିଜ୍ଞାପନ**

ବୌଦ୍ଧ ଜିଲ୍ଲାପାଳ ଙ୍କପତ୍ରସଂଖ୍ୟା ୧୭୯୩/ତା୨୧.୦୮.୨୦୨୪ ଅନୁଯାୟୀ, ବୌଦ୍ଧ ପଞ୍ଚାୟତ ସମିତିଅନ୍ତର୍ଗତ ରୋକ୍ସା , ପଦମ୍ପୁର ଗ୍ରାମଞ୍ଚାୟତ ରେସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଜଣେ ଲେଖାଏଁ " **ଯୋଗାଣସହାୟକ**" ନିଯୁକ୍ତ କରାଯିବ। ଉକ୍ତ ଗ୍ରାମପଞ୍ଚାୟତ ରେ ଯୋଗାଣ ସହାୟକ,ସାଧାରଣ ବଣ୍ଟନ ପ୍ରକ୍ରିୟାର ସୁପରିଚାଳନା ନିମନ୍ତେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅଧୀନରେ କାର୍ଯ୍ୟକରିବେ। ତେଣୁ ଉକ୍ତ ପଦବୀ ନିମନ୍ତେ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଫର୍ମରେ ଆବେଦନପତ୍ର ଆହ୍ୱାନ କରାଯାଉଅଛି।

**ଆବେଦନକାରୀଙ୍କଯୋଗ୍ୟତା :**

୧ . ପ୍ରାର୍ଥୀ ଉକ୍ତ ଗ୍ରାମପଞ୍ଚାୟତର ସ୍ଥାୟୀବାସିନ୍ଦା ହୋଇଥିବେ।

୨ . ପ୍ରାର୍ଥୀ ଅତିକମ୍ ରେ ମାଟ୍ରିକ ପାସ୍ ହୋଇଥିବେ ।

୩ . ପ୍ରାର୍ଥୀଙ୍କର ବୟସ ତା୦୧.୦୯.୨୦୨୫ସୁଦ୍ଧା୨୧ବର୍ଷରୁ କମ୍ ବା ୩୫ ବର୍ଷରୁ ଅଧିକ ହୋଇନଥିବ।

**ଚୟନପଦ୍ଧତି :**

ଆବେଦନକାରୀ ମାଟ୍ରିକ, +୨ଓ +୩ପରୀକ୍ଷା ରେ ହାସଲକରିଥିବା ନମ୍ବରର ଯଥାକ୍ରମେ ୩୦%, ୩୦% ଓ୪୦% ହାରକୁ ନେଇ ତିନି ଜଣ ବିଶିଷ୍ଟ ଅଗ୍ରାଧୀକାର କ୍ରମ ତାଲିକା ପ୍ରସ୍ତୁତ କରାଯିବ। ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ କ୍ରମ ତାଲିକାରେଥିବା ପ୍ରଥମ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ଦିଆଯିବ।

**ପାରିଶ୍ରମିକ :**

ଯୋଗାଣ ସହାୟକଙ୍କର ମାସିକପାରିଶ୍ରମିକ ସର୍ବାଧିକ ଟ୮୦୦୦/- ଧାର୍ଯ୍ୟ ହୋଇଅଛି। ମାତ୍ର ଏହା ପଞ୍ଚାୟତର ସାଧାରଣବଣ୍ଟନ ବ୍ୟବସ୍ଥାରୁ ଆମଦାନୀ ହେଉଥିବା କମିଶନ ଅର୍ଥର ୮୦% ରୁଅଧିକ ହୋଇନଥିବା ଆବଶ୍ୟକ।

ଆବେଦନର ଶେଷତାରିଖ :

ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଆବେଦନପତ୍ର ତା୧୫.୧୦.୨୦୨୫ ରିଖ ଅପରାହ୍ଣ ୪ଘଟିକା ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୌଦ୍ଧଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି / ଶୀଘ୍ରଡାକ ( Registered /Speed Post ) ଯୋଗେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ତାରିଖ ପରେ ପହଞ୍ଚିଥିବା କୌଣସିବିଆବେଦନ ବିଚାରକୁ ନିଆଯିବ ନାହି।

**ଆବଶ୍ୟକୀୟପ୍ରମାଣପତ୍ର :**

ପ୍ରାର୍ଥୀ ଆବେଦନ ପତ୍ର ସହିତ ନିମ୍ନଲିଖିତ ପ୍ରମାଣ ପତ୍ର ର ଅବିକଳନକଲ ନିଜରଦସ୍ତଖତ ସହିତ ଦାଖଲ କରିବେ।

୧. ମାଟ୍ରିକ, +2 ଓ +୩ ପରୀକ୍ଷାର ସାର୍ଟିଫିକେଟ ଓ ମାର୍କସିଟ।

୨. ତହସିଲଦାର ଙ୍କ ଠାରୁ ପ୍ରାପ୍ତ ସଦ୍ୟସ୍ଥାୟୀ ବାସିନ୍ଦାପ୍ରମାଣ ପତ୍ର।

୩. ଦୁଇ ଗୋଟି ପାସପୋର୍ଟ ଫୋଟୋ।

**ଆବେଦନପତ୍ର ଓ ପ୍ରମାଣପତ୍ର ଥିବା ଲଫାପାଉପରେ "ନିଜର ଗ୍ରାମପଞ୍ଚାୟତର ନାମ ସହିତ ଯୋଗାଣସହାୟକ ପାଇଁଆବେଦନ ପତ୍ର"ଉଲ୍ଲେଖ ଥିବା ଆବଶ୍ୟକ।**

**ସର୍ତ୍ତାବଳୀ:**

୧. ଏହି ନିଯୁକ୍ତିସମ୍ପୂର୍ଣ ରୂପେ ଅସ୍ଥାୟୀ। ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ପାଇଁ ଆଇନ ଗତ କିମ୍ବା ଅଦାଲତର ବ୍ୟବସ୍ଥାକୁ ବର୍ତମାନ କିମ୍ବା ଭବିଷ୍ୟତରେ ବିଚାରକୁ ନିଆଯିବ ନାହି।

୨. ଆବେଦନକାରୀଙ୍କ ଆବେଦନ ପତ୍ର କିମ୍ବା ଚୟନ ତଥା ନିଯୁକ୍ତି କୁ ବିନାସର୍ତ୍ତ ଓ କୌଣସି କାରଣ ନ ଦର୍ଶାଇ ଖାରଜ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ର ଅଛି।

**. ଏହି ଆବେଦନ ପତ୍ର ଅନଲାଇନ ରେ ଜିଲ୍ଲା ୱେବସାଇଡ** www.boudh.nic.in**ରେ ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ ଉପଲବ୍ଧ।**

18/09/25

ଗୋଷ୍ଠୀଉନ୍ନୟନ ଅଧିକାରୀ

ବୌଦ୍ଧ

SCAN AnyScanner

# ଯୋଗାଣ ସହାୟକ ନିମନ୍ତେ ଆବେଦନ ପତ୍ର

୧. ଆବେଦନ କରୁ ଥିବାଗ୍ରାମପଞ୍ଚାୟତର ନାମ:

୨. ଆବେଦନକାରୀ ଙ୍କ ନାମ:

୩. ପିତାଙ୍କ ନାମ:

୪. ସ୍ଥାୟୀ ଠିକଣା:

୫. ଯୋଗା ଯୋଗ ଠିକଣା:

୬. ଜାତୀୟତା:

୭. ଧର୍ମ:

୮. ଲିଙ୍ଗ:

୯. ଜନ୍ମ ତାରିଖ:

୧୦. ଶିକ୍ଷାଗତଯୋଗ୍ୟତା

| ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷା | ବୋର୍ଡ / ବିଶ୍ୱବିଦ୍ୟାଳୟ | ଉତ୍ତୀର୍ଣ୍ଣ ହୋଇଥିବା ବର୍ଷ | ଉତ୍ତୀର୍ଣ୍ଣ ହୋଇଥିବା ଶ୍ରେଣୀ | ପୂର୍ଣ୍ଣନମ୍ବର | ରଖିଥିବା ନମ୍ବର | ଶତକଡା |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |

୧୧. ମୋବାଇ ଲନମ୍ବର

୧୨. ଇ-ମେଲ ଠିକଣା

## ଘୋଷଣା

ମୁଁ ଏତଦ୍ୱାରା ଘୋଷଣା କରୁ ଅଛିକି,ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ତଥ୍ୟା ବଳି ମୋ ଜ୍ଞାତସାର ରେ ସଠିକ ଅଟେ।ଯଦି ଭବିଷ୍ୟତରେ ଏହା ଭୁଲ ପ୍ରମାଣିତ ହୁଏ,ସେଥି ପାଇଁ ଆଇନତଃ ଦାୟୀ ରହିବି।

ସ୍ଥାନ:

ତାରିଖ:

ଆବେଦନକାରୀ ଙ୍କ ସ୍ୱାକ୍ଷର

AnyScanner

ପରି ପତ୍ର ସଂଖ୍ୟା 2772 ତା 18/09/25

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କଅଧିକାରୀ ,ବୌଦ୍ଧଙ୍କ ଅବଗତିନିମନ୍ତେ ଜଣାଇ ଦିଆଗଲା ଓ ଏହି ବିଜ୍ଞାପନ କୁ ଜିଲ୍ଲା ୱେବସାଇଟରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରକାଶ ନନିମନ୍ତେ ଅନୁରୋଧ କରାଗଲା।

18/09/25

ଗୋଷ୍ଠୀଉନ୍ନୟନ ଅଧିକାରୀ
ବୌଦ୍ଧ

ପରି ପତ୍ର ସଂଖ୍ୟା 2773 ତା 18/09/25

ଏହାର ଏକାକିତା ନକଲ ପଞ୍ଚାୟତ ସମିତି ନୋଟିସ ବୋର୍ଡରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା।

18/09/25

ଗୋଷ୍ଠୀଉନ୍ନୟନ ଅଧିକାରୀ
ବୌଦ୍ଧ

ପରି ପତ୍ର ସଂଖ୍ୟା 2774 ତା 18/09/25

ଏହାର ଏକାକିତା ନକଲ ଉପୋରକ୍ତ ଗ୍ରାମପଞ୍ଚୟାତର ସରପଞ୍ଚ / ଉପୋରକ୍ତ ଗ୍ରାମପଞ୍ଚାୟତ ର ନିର୍ବାହୀଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ତଥା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ପ୍ରତ୍ୟେକ ୱାର୍ଡ ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ ପାଇଁ ଅନୁରୋଧ କରାଗଲା।

18/09/25

ଗୋଷ୍ଠୀଉନ୍ନୟନ ଅଧିକାରୀ
ବୌଦ୍ଧ

ପରି ପତ୍ର ସଂଖ୍ୟା 2775 ତା 18/09/25

ଏହାରଏକାକିତା ନକଲ ତହସିଲଦାର ବୌଦ୍ଧ / ବେସାମରିକ ଯୋଗାଣଅଧିକାରୀ ବୌଦ୍ଧ / ଜିଲ୍ଲାପଞ୍ଚୟାତଅଫିସର ବୌଦ୍ଧଙ୍କ ଅବଗତି ନିମନ୍ତେ ପ୍ରେରଣକରାଗଲା ତଥାକାର୍ଯ୍ୟାଳୟ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେପ୍ରକାଶନ ପାଇଁ ଅନୁରୋଧକରାଗଲା।

18/09/25

ଗୋଷ୍ଠୀଉନ୍ନୟନ ଅଧିକାରୀ
ବୌଦ୍ଧ

ପରିପତ୍ର ସଂଖ୍ୟା 2776 ତା 18/09/25

ଏହାର ଏକାକିତା ନକଲ ମୁଖ୍ୟନିର୍ବାହୀଅଧିକାରୀ ଜିଲ୍ଲାପରିଷଦ ,ବୌଦ୍ଧ / ଉପ-ଜିଲ୍ଲାପାଳ ବୌଦ୍ଧ ,ଙ୍କ ସଦୟଅବଗତି ନିମନ୍ତେ ପ୍ରେରଣକରାଗଲା ତଥାକାର୍ଯ୍ୟାଳୟ ନୋଟିସବୋର୍ଡରେସର୍ବସାଧାରଣଙ୍କ ଅବଗତିନିମନ୍ତେ ପ୍ରକାଶନ ପାଇଁ ଅନୁରୋଧକରାଗଲା।

18/09/25

ଗୋଷ୍ଠୀଉନ୍ନୟନଅଧିକାରୀ
ବୌଦ୍ଧ

ପରି ପତ୍ର ସଂଖ୍ୟା 2777 ତା 18/9/25

ଏହାର ଏକାକିତା ନକଲ ଜିଲ୍ଲାପାଳ,ବୌଦ୍ଧ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

18/09/25

ଗୋଷ୍ଠୀଉନ୍ନୟନ ଅଧିକାରୀ
ବୌଦ୍ଧ

SCAN AnyScanner